# NATIONAL NEWS BULLETIN (ODIA)
## 01st October - 2023
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ଆଜି ଅନୁଷ୍ଠିତ ହୋଇଥିବା ସ୍ୱଚ୍ଛତା ମହାଅଭିଯାନକୁ ସଫଳ କଲେ ସମାଜର ବିଭିନ୍ନ ବର୍ଗର ଜନସାଧାରଣ।
- ଆଜିର ମହାଅଭିଯାନରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଉଭୟ ସ୍ୱଚ୍ଛତା ଏବଂ ସୁସ୍ଥ ଭାରତର ପ୍ରତିଫଳନ।
- ପ୍ରଧାନମନ୍ତ୍ରୀ ଆଜି ତେଲଙ୍ଗାନା ଗସ୍ତରେ ଯାଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।
- ଅନ୍‌ଲାଇନ୍ ଖେଳ, ଜୁଆ, କ୍ୟାସିନୋ, ଘୋଡ଼ୋଦୌଡ଼ ଏବଂ ଲଟେରୀ ଆଦି ଉପରେ ଆଜିଠାରୁ ୨୮ ପ୍ରତିଶତ ଜି.ଏସ୍.ଟି. ଲାଗୁ ହୋଇଛି ।

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ସହ ଭାରତର ମୋଟ୍ ପଦକ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି।

## ସ୍ୱଚ୍ଛତା - ଏକ ଘଣ୍ଟା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଆଜି ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିବା ସ୍ୱଚ୍ଛତା ମହା ଅଭିଯାନ 'ଏକ ତାରିଖ-ଏକ ଘଣ୍ଟା-ଏକ ସାଥ୍'ରେ ଜନସାଧାରଣ ଅଂଶଗ୍ରହଣ କରି ଏହାକୁ ସଫଳ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜେ ମଧ୍ୟ ଆଜିର ମହାଅଭିଯାନରେ ସାମିଲ ହୋଇଛନ୍ତି। ଏ ସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ପୋଷ୍ଟ କରି ଫିଟ୍‌ନେସ୍ ପ୍ରୋତ୍ସାହକ ଅଙ୍କିତ ବାଇୟାନ'ପୁରିଆ ଙ୍କ ସହ ମିଶି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଜି ସମଗ୍ର ଦେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବାବେଳେ ମୁଁ ଏବଂ ଅଙ୍କିତ ଉଭୟ ସମାନ କାର୍ଯ୍ୟ କରୁଛୁ। ଏହା ଉଭୟ ସ୍ୱଚ୍ଛତା ଏବଂ ସୁସ୍ଥ ଭାରତର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଆଜି ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର, ପୂଜାସ୍ଥଳୀ, ପୁଷ୍କରିଣୀ, ରେଳପଥ ସଂଲଗ୍ନ ଅଞ୍ଚଳ ସମେତ ବିଭିନ୍ନ ବଜାର ସ୍ଥାନଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ କରିଛନ୍ତି।

ସେହିଭଳି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଡକ୍ଟର ଜିତେନ୍ଦ୍ର ସିଂ, ହରଦୀପ ସିଂ ପୁରୀ, ମୀନାକ୍ଷୀ ଲେଖି, ରାଜୀବ

ଚନ୍ଦ୍ରଶେଖରଙ୍କ ସମେତ ବିଭିନ୍ନ ନେତୃବୃନ୍ଦ ଆଜି ଜାତୀୟ ରାଜଧାନୀ ଅଞ୍ଚଳରେ ଏହି ସ୍ୱଚ୍ଛତା ଅଭିଯାନରେ ଭାଗ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଷ୍କାର କରିଛନ୍ତି ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଆସନ୍ତାକାଲି ଜନ୍ମବାର୍ଷିକୀର ଅବ୍ୟବହିତ ପୂର୍ବରୁ ଆଜି ଏକ ଘଣ୍ଟା ପାଇଁ ସ୍ୱଚ୍ଛତା ନିମନ୍ତେ ଶ୍ରମଦାନ କରିବାକୁ ଶ୍ରୀ ମୋଦୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସ୍ୱଚ୍ଛ ଭାରତ ଅର୍ବାନ୍‌ର ଏକ ପୋଷ୍ଟକୁ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ସେୟାର କରି ଶ୍ରୀ ମୋଦୀ,  ଅକ୍ଟୋବର ୧ ପୂର୍ବାହ୍ନ ୧୦ଟାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱଚ୍ଛତା ଅଭିଯାନ ପାଇଁ ଏକତ୍ରୀତ ହେବା ଲାଗି ଆହ୍ୱାନ ଦେଇଥିଲେ। । ଏକ ସ୍ୱଚ୍ଛ ଭାରତ ସମସ୍ତଙ୍କ ଦାୟିତ୍ୱ ଏବଂ ପ୍ରତ୍ୟେକ ଦାୟିତ୍ୱର ମୂଲ୍ୟ ରହିଛି । ସ୍ୱଚ୍ଛ ଭବିଷ୍ୟତର ଆରମ୍ଭ ଲାଗି ଏହି ମହାନ୍ ପ୍ରୟାସରେ ସମସ୍ତ ନାଗରୀକ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଏହାଛଡ଼ା ଗତମାସରେ ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ମଧ୍ୟ ପ୍ରଧାନମନ୍ତ୍ରୀ 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଆଜିର ଏହି ମହା ଅଭିଯାନ ଅଧୀନରେ  ଶ୍ରମଦାନ କରିବା ଲାଗି ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ୧ ଲକ୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ପ୍ରାୟ ୧ ଲକ୍ଷ ଘରୋଇ ଅଞ୍ଚଳରେ ଶ୍ରମଦାନ କରିବା ଲାଗି ଅନେକ ଗୁଡ଼ିଏ ଘରୋଇ କଲ୍ୟାଣ ସଂସ୍ଥା ସ୍ୱେଚ୍ଛାକୃତ ଭାବେ ସମ୍ମତି

ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଭାରତୀୟ ପଦାତିକ ବାହିନୀ, ନୌସେନା ଏବଂ ବାୟୁସେନାର ଯବାନମାନେ ମଧ୍ୟ ବିଭିନ୍ନ ସ୍ଥାନରେ ସାଧାରଣ ନାଗରିକଙ୍କ ସହ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ।

ସ୍ୱଚ୍ଛତା ହିଁ ସେବା ଅବସରରେ ମୁମ୍ବାଇର ଜୁହୁ ସମୁଦ୍ର କୂଳରେ ଖଦୀ ଏବଂ ଗାମୋଦ୍ୟୋଗ ଆୟୋଗ ପକ୍ଷରୁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ରାଣେ କହିଛନ୍ତି, ସ୍ୱଚ୍ଛତା କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ସହ ଜଡ଼ିତ ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କୁ ସେମାନଙ୍କର ଉତ୍ତରଦାୟିତ୍ୱ ସମ୍ପର୍କରେ ଶିକ୍ଷା ଦେବା ସହ ପରିବେଶକୁ ସୁସ୍ଥ ରଖିବ ବୋଲି ସେ କହିଛନ୍ତି ।

## ପି.ଏମ୍. - ତେଲଙ୍ଗାନା ଜିଭିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତେଲଙ୍ଗାନା ଗସ୍ତରେ ଯାଇଥିବାବେଳେ ଏକ ଜାତୀୟ ହଳଦୀ ବୋର୍ଡ଼ ଗଠନପାଇଁ ଘୋଷଣା କରିଛନ୍ତି । ଏହି ବୋର୍ଡ଼ ହଳଦୀ ଚାଷୀମାନଙ୍କୁ ସବୁପ୍ରକାର ସହାୟତା ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମୁଲୁଗ୍'ଠାରେ ସମାକ୍କା-ସରକ୍କା କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ୯୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଘୋଷଣା କରିଛନ୍ତି । ହାଇଦ୍ରାବାଦରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ

୧୩ ହଜାର ୫୦୦ କୋଟି ଟଙ୍କାର ବିବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ସଡ଼କ ପଥ, ରେଳପଥ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ କରାଯିବ । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଘଟିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ମହବୁବନଗରରେ ପହଞ୍ଚିବା ପରେ ୫୦୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ମୁନିରାବାଦ ମହବୁବନଗର ସେକ୍ସନର ଜଲ୍‌କର କ୍ରିଷ୍ଣା ଯୋଗାଯୋଗ ପଥକୁ ଲୋକାର୍ପଣ କରିଛନ୍ତି । ଏହି ରେଳପଥ ଦ୍ୱାରା ହାଇଦ୍ରାବାଦ ଏବଂ ଗୋଆ ମଧ୍ୟରେ ଦୂରତ୍ୱ ୧୦୨ କିଲୋମିଟର ହ୍ରାସ ପାଇବ । ସେହିଭଳି କୁଚିଗୁଡା-ରାଇଚୁର-କୁଚିଗୁଡା ଡେମୁ ଟ୍ରେନ୍ ଚଳାଚଳକୁ ମଧ୍ୟ ସେ ଶୁଭାରମ୍ଭ କରିଛନ୍ତି । ସୁରିଆପେଟ-ଖମ୍ମାମ ମଧ୍ୟରେ ୪ ଲେନ୍ ବିଶିଷ୍ଟ ରାଜପଥକୁ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ପାଇଁ ୨ହଜାର ୪୫୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ଏଥିସହ ୬ ହଜାର ୪୦୦ କୋଟି ଟଙ୍କାର ବିଭିନ୍ନ ସଡ଼କ ପ୍ରକଳ୍ପ ପାଇଁ ଶ୍ରୀ ମୋଦୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଏସ୍.ପି.ସି.ଏଲ୍.ଦ୍ୱାରା ୨ ହଜାର ୬୬୧କୋଟି ଟଙ୍କା ବ୍ୟୟରେ ନିର୍ମିତ ହସନ୍-ଚର୍ଲାପାଲି ଏଲ୍‌ପିଜି ପାଇପ୍‌ଲାଇନ୍‌କୁ ଲୋକାର୍ପଣ କରିଛନ୍ତି । ଏହାଦ୍ୱାରା ୩୭ ଲକ୍ଷ ଲୋକ ଏଲ୍‌ପିଜି ଗ୍ୟାସ୍ ସଂଯୋଗ ପାଇପାରିବେ ।

କ୍ରିଷ୍ଣାପାଟନମ୍‌ଠାରେ ମଲ୍‌ଟି ପ୍ରଡକ୍ଟ ପାଇପ୍‌ଲାଇନ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ପାଇଁ ଏକ ହଜାର ୯୩୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏଥିସହିତ ପ୍ରଧାନମନ୍ତ୍ରୀ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୪ଟି ନୂତନ ଅଟ୍ଟାଳିକାକୁ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କିଷନ ରେଡ୍ଡୀ କହିଛନ୍ତି, କେନ୍ଦ୍ର ସରକାର ତେଲଙ୍ଗାନା ରାଜ୍ୟରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପପାଇଁ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ।

ତେଲଙ୍ଗାନା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ 'ପାଲାମୁରୁ ପ୍ରଜାଗର୍ଜନ' ସମାବେଶରେ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସହ ବି.ଆର୍.ଏସ୍. ସରକାର ବିଭିନ୍ନ କୃଷକ ଯୋଜନା ଓ ଜଳସେଚନ କାର୍ଯ୍ୟକ୍ରମରେ ଅନିୟମିତତା କରିବା ସହ ଦୁର୍ନୀତିରେ ଲିପ୍ତ ରହିଛି ବୋଲି ଅଭିଯୋଗ କରିଛନ୍ତି । ଏଥିସହିତ ତେଲଙ୍ଗାନା ରାଜ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ କେନ୍ଦ୍ର ସରକାର ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ସେ କହିଛନ୍ତି । ମହିଳାମାନଙ୍କ ଉନ୍ନତି ପାଇଁ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା ସହ ଏବେ ମହିଳା ସଂରକ୍ଷଣ ଆଇନ ମହିଳାମାନଙ୍କ ସଶକ୍ତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବି.ଆର୍.ଏସ୍., କଂଗ୍ରେସ ଏବଂ ଏମ୍.ଆଇ.ଏମ୍. ଦଳକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦଳଗୁଡ଼ିକ ପରିବାରବାଦରେ

ବିଶ୍ୱାସ କରୁଥିବାବେଳେ କେବଳ ବି.ଜେ.ପି.ର ସାମାଜିକ ଉତ୍ତରଦାୟିତ୍ୱ ରହିଛି ।

## ଅନ୍‌ଲାଇନ୍ ଖେଳ - ଜି.ଏସ୍.ଟି.

ଅନ୍‌ଲାଇନ୍ ଖେଳ, ଜୁଆ, କ୍ୟାସିନୋ, ଘୋଡ଼ାଦୌଡ଼ ଏବଂ ଲଟେରୀ ଆଦି ଉପରେ ଆଜିଠାରୁ ୨୮ ପ୍ରତିଶତ ଜି.ଏସ୍.ଟି. ଲାଗୁ ହୋଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଜି.ଏସ୍.ଟି. ପରିଷଦର ୫୧ତମ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଜି.ଏସ୍.ଟି. - କଲେକ୍ସନ୍‌ସ

ସେପ୍ଟେମ୍ବର ମାସରେ ମୋଟ୍ ୧ ଲକ୍ଷ ୬୨ ହଜାର ୭୧୨ କୋଟି ଜି.ଏସ୍.ଟି. ରାଜସ୍ୱ ଆଦାୟ ହୋଇଛି । ଏଥିମଧ୍ୟରେ କେନ୍ଦ୍ରୀୟ ଜି.ଏସ୍.ଟି. ୨୯ ହଜାର ୮୧୮ କୋଟ ଟଙ୍କା ଥିଲାବେଳେ ରାଜ୍ୟ ଜି.ଏସ୍.ଟି. ୩୭ ହଜାର ୬୫୭ କୋଟି ଟଙ୍କା ରହିଛି ଏବଂ ସମନ୍ୱିତ ଜି.ଏସ୍.ଟି. ୮୩ ହଜାର ୬୨୩ କୋଟି ଟଙ୍କା ଏବଂ ଉପକର ୧୧ ହଜାର ୬୧୩ କୋଟି ଟଙ୍କା ହୋଇଥିବାର ରେକର୍ଡ଼ କରାଯାଇଛି । ସରକାର କେନ୍ଦ୍ରୀୟ ଜି.ଏସ୍.ଟି.

ବାବଦରେ ୩୩ ହଜାର ୭୩୬ କୋଟି ଟଙ୍କା ଫେରସ୍ତ କରିଥିବାବେଳେ ସମନ୍ୱିତ ଜି.ଏସ୍.ଟି.ରୁ ୨୭ ହଜାର ୫୭୮ କୋଟି ଟଙ୍କା ରାଜ୍ୟ ଜି.ଏସ୍.ଟି.କୁ ଫେରସ୍ତ କରିଛନ୍ତି । ନିୟମିତ ୬୩ ହଜାର ୫୫୫ କୋଟି ଟଙ୍କା କେନ୍ଦ୍ରୀୟ ଜି.ଏସ୍.ଟି. ଓ ୬୫ ହଜାର ୨୩୫ କୋଟି ଟଙ୍କା ରାଜ୍ୟ ଜି.ଏସ୍.ଟି. ବାବଦରେ ସେପ୍ଟେମ୍ବର ମାସରେ ଫେରସ୍ତ କରାଯାଇଛି । ଗତବର୍ଷ ସେପ୍ଟେମ୍ବର ମାସ ତୁଳନାରେ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଜି.ଏସ୍.ଟି. ରାଜସ୍ୱ ଆଦାୟ ଶତକଡ଼ା ୧୦ ଭାଗ ଅଧିକ ହୋଇଛି ।

## ଏସିଆନ୍ ଗେମ୍ସ୍

ଚୀନ୍‌ର ହଙ୍ଗଝୌ'ଠାରେ ଚାଲିଥିବା ୨୦୨୩ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ଆଜି ଅଷ୍ଟମ ଦିନରେ ପହଞ୍ଚିଛି । ଭାରତୀୟ ପ୍ରଯୋଗୀମାନେ ୧୩ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୧୫ଟି ବ୍ରୋଞ୍ଜ ପଦକ ସମେତ ଏପର୍ଯ୍ୟନ୍ତ ୪୪ଟି ପଦକ ହାସଲ କରିଛନ୍ତି । ଭାରତର ସ୍ଥାନ ପଦକ ତାଲିକାରେ ବର୍ତ୍ତମାନ ଚତୁର୍ଥ ସ୍ଥାନରେ ରହିଛି । ଆଜି ଭାରତୀୟ ପ୍ରତିଯୋଗୀ ଅବିନାଶ୍ ସାବଲ ୩ ହଜାର ମିଟର ଷ୍ଟିପଲ୍‌ଚେଜ୍ ବିଭାଗରେ ସ୍ୱର୍ଣ୍ଣପଦକ ଜିତିଥିବାବେଳେ ଏହି ପଦକ ଆଥ୍‌ଲେଟିକ୍ସରେ ଭାରତପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ହୋଇଛି ।

ସେହିପରି ଭାରତ ପକ୍ଷରୁ ତେଜିନ୍ଦର ପାଲ୍ ସିଂହ ତୁର ସଟ୍‌ପୁଟ୍‌ରେ ସ୍ୱର୍ଣ୍ଣପଦକ ଜିତିଥିବାବେଳେ ଏହା ଭାରତର ତ୍ରୟୋଦଶ ସ୍ୱର୍ଣ୍ଣପଦକ ହୋଇଛି ।

ଭାରତୀୟ ବନ୍ଧୁକଚାଳନାକାରୀ ପୁରୁଷ ବିଭାଗ ବ୍ୟକ୍ତିଗତ ଟ୍ରାପ୍ ଫାଇନାଲ୍‌ରେ ଚେନ୍ନାଇର କିନାନ୍ ଡାରିଅସ୍ ଚେନାଇଙ୍କୁ ମିଳିଛି । ଏକ ଚିତ୍ତାକର୍ଷକ ପ୍ରତିଯୋଗିତାରେ ଚେନ୍ନାଇ ଟିମ୍ ୩୨ ପଏଣ୍ଟ ହାସଲ କରି ଦେଶପାଇଁ ବ୍ରୋଞ୍ଜ୍ ପଦକ ଆଣିଛି । ପୂର୍ବରୁ ଚେନାଇ ଜୋରଭର ସିଂହ ସାନ୍ଧୁ ଓ ପୃଥ୍ୱୀରାଜ ଟୋଣ୍ଡାଇମାନ୍ ପୁରୁଷ ବିଭାଗ ଦଳଗତ ଟ୍ରାପ୍ ପ୍ରତିଯୋଗିତାରେ ୩୬୧ ପଏଣ୍ଟ୍ ପାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଭାରତର ରାଜେଶ୍ୱରୀ କୁମାରୀ, ମନିଶା କୀର ଓ ପ୍ରୀତି ରଜାକ ମହିଳା ଦଳଗତ ଟ୍ରାପ୍ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି । ଏଥିସହିତ ଭାରତର ବନ୍ଧୁକଚାଳନା ପ୍ରତିଯୋଗିତା ଆଜି ଶେଷ ହୋଇଛି । ବନ୍ଧୁକଚାଳନା ପ୍ରତିଯୋଗିତାରେ ଭାରତ ୨୨ଟି ପଦକ ହାସଲ କରିଛି ।

ମହିଳା ବିଭାଗ ବ୍ୟକ୍ତିଗତ ଗଲ୍‌ଫ ପ୍ରତିଯୋଗିତାରେ ଅଦିତି ଅଶୋକ ରୌପ୍ୟ ପଦକ ପାଇଛନ୍ତି । ଏସୀୟ କ୍ରୀଡ଼ାରେ ଗଲ୍‌ଫ୍ ପ୍ରତିଯୋଗିତାରେ ପଦକ ଜିତିବାରେ ସେ ହେଉଛନ୍ତି ଭାରତୀୟ ମହିଳା ପ୍ରତିଯୋଗୀ । ଆଥ୍‌ଲେଟିକ୍ସରେ ଜ୍ୟୋତି ୟାରାଜି ମହିଳା ୨୦୦ ମିଟର ଫାଇନାଲ୍ ପ୍ରତିଯୋଗିତାରେ ଅସଫଳ ହୋଇଛନ୍ତି । ପୁରୁଷ ୨୦୦ ମିଟର ସେମିଫାଇନାଲ୍‌କୁ ଅମ୍ଲାନ ବୋର୍‌ଗୋହେଁ ତୃତୀୟ ସ୍ଥାନ ପାଇଛନ୍ତି ।

ଭାରତୀୟ ମୁଷ୍ଟିଯୋଦ୍ଧା ପରବିନ୍ ହୁଡା ମହିଳା ବିଭାଗ ୫୭ କିଲୋଗ୍ରାମ ଶ୍ରେଣୀରେ ଉଜ୍‌ବେକିସ୍ତାନର ସିତୋରା ତୁର୍ଦିବେକୋଭା'ଙ୍କୁ କ୍ୱାର୍ଟର ପାଇନାଲ୍‌ରେ ହରେଇ ୫ ପଏଣ୍ଟ ହାସଲ୍ କରିଛନ୍ତି । ଏହାଫଳରେ ପରବିନ୍‌ଙ୍କୁ ଗୋଟିଏ ପଦକ ମିଳିବ ଏବଂ ୨୦୨୪ ପ୍ୟାରିସ୍ ଅଲମ୍ପିକ୍ସ ପାଇଁ ଭାରତର କୋଟା ନିଶ୍ଚିତ ହୋଇପାରିଛି । ଆସନ୍ତା ବୁଧବାର ଦିନ ପରବିନ୍ ହୁଡା ସେମିଫାଇନାଲ୍ ଖେଳିବେ ।

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ୍ ଟିମ୍ ବର୍ତ୍ତମାନ ଗତଥର ଚାମ୍ପିୟନ୍ ଟିମ୍ ବିରୋଧରେ ଫାଇନାଲ୍ ଖେଳୁଛି । ସିଙ୍ଗଲ୍‌ସ୍‌ରେ ଲକ୍ଷ୍ୟ ସେନ୍ ଶି ୟୁକି'ଙ୍କୁ ହରାଇ ଭାରତ ପାଇଁ ୧ ପଏଣ୍ଟ ଆଗରେ ରହି ଫାଇନାଲ୍‌କୁ ଉଠିଛନ୍ତି ।

*****